# .. ଶ୍ରୀମଦ୍ଭଗବଦ୍ଗୀତା (ପ୍ରଥମୋଽଧ୍ୟାୟଃ)..

.. ଓଁ ଶ୍ରୀ ପରମାତ୍ମନେ ନମଃ ..

.. ଅଥ ଶ୍ରୀମଦ୍ଭଗବଦ୍ଗୀତା ..

ଅଥ ପ୍ରଥମୋଽଧ୍ୟାୟଃ . ଅର୍ଜୁନବିଷାଦୟୋଗଃ

**ଧୃତରାଷ୍ଟ୍ର ଉବାଚ .**

**ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁୟୁତ୍ସବଃ .**

**ମାମକାଃ ପାଂଡବାଶ୍ଚୈବ କିମକୁର୍ବତ ସଂଜୟ .. ୧-୧..**

ଧୃତରାଷ୍ଟ୍ର ପଚାରିଲେ - ହେ ସଂଜୟ; ଧର୍ମଭୂମି କୁରୁକ୍ଷେତ୍ରରେ ଯୁଦ୍ଧ କରିବା ଇଚ୍ଛାରେ ଏକତ୍ରିତ ହୋଇଥିବା ମୋର ଓ ପାଂଡୁଂକର ପୁତ୍ରମାନେ କଣ କଲେ ? || ୧-୧||

Dhritaraashtra said: O Sanjaya, assembled in the holy field of Kurukshetra and eager to fight, what did my people and the Paandavas do? (1.01)

**ସଂଜୟ ଉବାଚ .**

**ଦୃଷ୍ଟ୍ୱା ତୁ ପାଂଡବାନୀକଂ ବ୍ୟୂଢଂ ଦୁର୍ୟୋଧନସ୍ତଦା .**

**ଆଚାର୍ୟମୁପସଂଗମ୍ୟ ରାଜା ବଚନମବ୍ରବୀତ୍ .. ୧-୨..**

ସଂଜୟ କହିଲେ - ଯୁଦ୍ଧାରଂଭ ସମୟରେ ରାଜା ଦୁର୍ଯୋଧନ ବ୍ୟୁହରଚନାଯୁକ୍ତ ପାଂଡବସେନାକୁ ଦେଖି, ଦ୍ରୋଣାଚାର୍ଯ୍ୟଂକ ପାଖକୁ ଯାଇ କହିଲେ, -||୧-୨||

Sanjaya said: Seeing the battle formation of the Paandava's army, King Duryodhana approached his guru, Drona, and spoke these words: (1.02)

**ପଶ୍ୟୈତାଂ ପାଂଡୁପୁତ୍ରାଣାମାଚାର୍ୟ ମହତୀଂ ଚମୂମ୍ .**

**ବ୍ୟୂଢାଂ ଦ୍ରୁପଦପୁତ୍ରେଣ ତବ ଶିଷ୍ୟେଣ ଧୀମତା .. ୧-୩..**

ହେ ଆଚାର୍ଯ୍ୟ ; ଆପଣଂକ ବୁଦ୍ଧିମାନ୍ ଶିଷ୍ୟ ଦ୍ରୁପଦପୁତ୍ର ଧୃଷ୍ଟଦ୍ୟୁମ୍ନଦ୍ୱାରା ବ୍ୟୂହାକାରରେ ସଜ୍ଜିତ ପାଂଡୁପୁତ୍ରମାନଂକର ଏହି ବିରାଟ ସେନାକୁ ଦେଖନ୍ତୁ ||୧-୩||

O master, behold this mighty army of the sons of Paandu, arranged in battle formation by your talented disciple, the son of Drupada. (1.03)

ଅତ୍ର ଶୂରା ମହେଷ୍ୱାସା ଭୀମାର୍ଜୁନସମା ଯୁଧି .

ଯୁଯୁଧାନୋ ବିରାଟଶ୍ଚ ଦ୍ରୁପଦଶ୍ଚ ମହାରଥଃ .. ୧-୪..

ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ୟବାନ୍ .

ପୁରୁଜିତ୍କୁଂତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଂଗବଃ .. ୧-୫..

ଯୁଧାମନ୍ୟୁଶ୍ଚ ବିକ୍ରାଂତ ଉତ୍ତମୌଜାଶ୍ଚ ବୀର୍ୟବାନ୍ .

ସୌଭଦ୍ରୋ ଦ୍ରୌପଦେୟାଶ୍ଚ ସର୍ବ ଏବ ମହାରଥାଃ .. ୧-୬..

ଏହି ସେନାରେ ମହା ମହା ଧନୁର୍ଦ୍ଧାରୀ ତଥା ଯୁଦ୍ଧରେ ଭୀମ ଓ ଅର୍ଜୁନଂକ ସମାନ ଶୂରବୀର ସାତ୍ୟକି, ବିରାଟ ତଥା ମହାରଥୀ ରାଜା ଦ୍ରୁପଦ, ଧୃଷ୍ଟକେତୁ ଓ ଚେକିତାନ ତଥା ବଳବାନ୍ କାଶିରାଜ, ପୁରୁଜିତ୍ , କୁନ୍ତିଭୋଜ ଓ ମନୁଷ୍ୟମାନଂକ ମଧ୍ୟରେ ଶ୍ରେଷ୍ଠ ଶୈବ୍ୟ, ପରାକ୍ରମୀ ଯୁଧାମନ୍ୟୁ ତଥା ବଳବାନ୍ ଉତ୍ତମୌଜା, ସୁଭଦ୍ରାପୁତ୍ର ଅଭିମନ୍ୟୁ ଏବଂ ଦ୍ରୌପଦୀଂକ ପାଂଚପୁତ୍ର ଅଛନ୍ତି; ଏମାନେ ସମସ୍ତେ ମହାରଥୀ |

||୧-୪,୧-୫,୧-୬ ||

There are many heroes and mighty archers equal to Bheema and Arjuna in war such as Yuyudhaana and Viraata; and the great warrior, Drupada; (1.04)

Dhrishtaketu, Chekitaana, and the heroic King of Kaashi; Purujit, Kuntibhoja, and the great man Saibya; (1.05)

The valiant Yudhaamanyu, the formidable Uttamauja, the son of Subhadraa, and the sons of Draupadi; all of them are great warriors. (1.06)

ଅସ୍ମାକଂ ତୁ ବିଶିଷ୍ଟା ଯେ ତାନ୍ନିବୋଧ ଦ୍ୱିଜୋତ୍ତମ .

ନାୟକା ମମ ସୈନ୍ୟସ୍ୟ ସଂଜ୍ଞାର୍ଥଂ ତାନ୍ବ୍ରବୀମି ତେ .. ୧-୭..

ହେ ବ୍ରାହ୍ମଣଶ୍ରେଷ୍ଠ! ଆମ ପକ୍ଷରେ ବି ଯେଉଁ ପ୍ରଧାନ ଯୋଦ୍ଧମାନେ ଅଛନ୍ତି, ସେମାନଂକୁ ଆପଣ ଜାଣିନିଅନ୍ତୁ | ମୋ ସେନାର ଯେଉଁ ସେନାପତିମାନେ ଅଛନ୍ତି, ଆପଣଂକ ଜାଣିବାନିମନ୍ତେ ସେମାନଂକ ନାମ କହୁଛି ||୧-୭||

Also know, O best among the twice born, the distinguished ones on our side. I name the commanders of my army for your information. (1.07)

ଭବାନ୍ଭୀଷ୍ମଶ୍ଚ କର୍ଣଶ୍ଚ କୃପଶ୍ଚ ସମିତିଂଜୟଃ .

ଅଶ୍ୱତ୍ଥାମା ବିକର୍ଣଶ୍ଚ ସୌମଦତ୍ତିସ୍ତଥୈବ ଚ .. ୧-୮..

ଆପଣ ଦ୍ରୋଣାଚାର୍ଯ୍ୟ, ପିତାମହ ଭୀଷ୍ମ, କର୍ଣ୍ଣ ଏବଂ ସଂଗ୍ରାମବିଜୟୀ କୃପାଚାର୍ଯ୍ୟ ତଥାମା ସେହିପରି ଅଶ୍ୱତ୍ଥାମା, ବିକର୍ଣ୍ଣ ଓ ସୋମଦତ୍ତଂକ ପୁତ୍ର ଭୂରିଶ୍ରବା ଏବଂ - ||୧-୮||

Yourself, Bheeshma, Karna, and the victorious Kripa; Ashvatthaamaa,
Vikarna, and the son of Somadatta. (1.08)

## ଅନ୍ୟେ ଚ ବହବଃ ଶୂରା ମଦର୍ଥେ ତ୍ୟକ୍ତଜୀବିତାଃ .
## ନାନାଶସ୍ତ୍ରପ୍ରହରଣାଃ ସର୍ବେ ଯୁଦ୍ଧବିଶାରଦାଃ .. ୧-୯..

ଏମାନଂକ ଛଡା ମୋ ପାଇଁ ଜୀବନର ଆଶା ତ୍ୟାଗ କରିଦେଇଥିବା ଆହୁରି ବହୁ ଶୂରବୀର ମଧ୍ୟ ନାନାପ୍ରକାର ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଉପସ୍ଥିତ ଅଛନ୍ତି | ସେମାନେ ସମସ୍ତେ ଯୁଦ୍ଧରେ ନିପୁଣ ||୯||

And many other heroes who have risked their lives for me. They are armed with various weapons, and all are skilled in warfare. (1.09)

## ଅପର୍ୟାପ୍ତଂ ତଦସ୍ମାକଂ ବଲଂ ଭୀଷ୍ମାଭିରକ୍ଷିତମ୍ .
## ପର୍ୟାପ୍ତଂ ତ୍ୱିଦମେତେଷାଂ ବଲଂ ଭୀମାଭିରକ୍ଷିତମ୍ .. ୧-୧୦..

ଭୀଷ୍ମଂକଦ୍ୱାରା ରକ୍ଷିତ ଆଂଭମାନଂକର ସେନା ଅପରିମିତ ଅର୍ଥାତ୍ ସବୁ ଦୃଷ୍ଟିରୁ ଅଜେୟ ଏବଂ ଭୀମଂକ ଦ୍ୱାରା ରକ୍ଷିତ ଏମାନଂକର ଏହି ସେନା ପରିମିତ ଅର୍ଥାତ୍ ଏହାକୁ ଜୟ କରିବା ଅତି ସହଜ | ||୧-୧୦||

Our army, commanded by Bheeshma, is invincible; while their army, protected by Bheema, is easy to conquer. (1.10)

## ଅୟନେଷୁ ଚ ସର୍ବେଷୁ ୟଥାଭାଗମବସ୍ଥିତାଃ .
## ଭୀଷ୍ମମେବାଭିରକ୍ଷଂତୁ ଭବଂତଃ ସର୍ବ ଏବ ହି .. ୧-୧୧..

ତେଣୁ ସକଳ ବ୍ୟୂହଦ୍ୱାରରେ ନିଜ ନିଜ ସ୍ଥାନରେ ରହି ଆପଣମାନେ ସମସ୍ତେ ନିଶ୍ଚିତଭାବରେ ଭୀଷ୍ମ ପିତାମହଙ୍କୁ ହିଁ ସକଳ ଦିଗରୁ ରକ୍ଷା କରନ୍ତୁ | ||୧-୧୧||

Therefore all of you, occupying your respective positions on all fronts, protect Bheeshma only. (1.11)

## ତସ୍ୟ ସଂଜନୟନ୍ହର୍ଷଂ କୁରୁବୃଦ୍ଧଃ ପିତାମହଃ .
## ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଂଖଂ ଦଧ୍ମୌ ପ୍ରତାପବାନ୍ .. ୧-୧୨..

କୁରୁବୃଦ୍ଧ ମହାପ୍ରତାପୀ ପିତାମହ ଭୀଷ୍ମ ଦୁର୍ଯ୍ୟୋଧନଙ୍କ ହୃଦୟରେ ହର୍ଷ ଉତ୍ପନ୍ନ କରାଇ ଉଚ୍ଚସ୍ୱରରେ ସିଂହନାଦପରି ଗର୍ଜନ କରି ଶଙ୍ଖ ବଜାଇଲେ | ||୧-୧୨ ||

The mighty Bheeshma, the eldest man of the Kuru dynasty, roared as a lion and blew his conch loudly bringing joy to Duryodhana. (1.12)

## ତତଃ ଶଂଖାଶ୍ଚ ଭେର୍ୟଶ୍ଚ ପଣବାନକଗୋମୁଖାଃ .
## ସହସୈବାଭ୍ୟହନ୍ୟଂତ ସ ଶବ୍ଦସ୍ତୁମୁଲୋଽଭବତ୍ .. ୧-୧୩..

ତା' ପରେ ପରେ ବହୁ ଶଙ୍ଖ , ଭେରୀ , ନାଗରା ,ମର୍ଦ୍ଦଳ ଓ ରଣଶିଙ୍ଗା ଆଦି ବାଦ୍ୟ ଏକସଙ୍ଗେ ବାଜିଉଠିଲା | ସେସବୁର ଶବ୍ଦ ଅତି ଭୟଙ୍କର ହେଲା | ||୧-୧୩ ||

After that, conches, kettledrums, cymbals, drums, and trumpets were sounded together. The commotion was tremendous. (1.13)

**ତତଃ ଶ୍ଵେତୈର୍ହୟୈର୍ୟୁକ୍ତେ ମହତି ସ୍ୟଂଦନେ ସ୍ଥିତୌ .**

**ମାଧବଃ ପାଂଡବଶ୍ଚୈବ ଦିବ୍ୟୌ ଶଂଖୌ ପ୍ରଦଧ୍ମତୁଃ .. ୧-୧୪..**

ତାହାପରେ ଧଳାଘୋଡା ଯୋଚା ଯାଇଥିବା ଉତ୍ତମ ରଥରେ ବସି ଶ୍ରୀକୃଷ୍ଣ ପରମାତ୍ମା ଓ ଅର୍ଜୁନ ମଧ୍ୟ ନିଜ ନିଜର ଦିବ୍ୟ ଶଙ୍ଖ ବଜାଇଲେ | || ୧-୧୪ ||

Then Lord Krishna and Arjuna, seated in a grand chariot yoked with white horses, blew their celestial conches. (1.14)

**ପାଂଚଜନ୍ୟଂ ହୃଷୀକେଶୋ ଦେବଦତ୍ତଂ ଧନଂଜୟଃ .**

**ପୌଂଡ୍ରଂ ଦଧ୍ମୌ ମହାଶଂଖଂ ଭୀମକର୍ମା ବୃକୋଦରଃ .. ୧-୧୫..**

ଶ୍ରୀକୃଷ୍ଣ ପରମାତ୍ମା ପାଞ୍ଚଜନ୍ୟନାମକ, ଅର୍ଜୁନ ଦେବଦତ୍ତନାମକ ଏବଂ ଭୟାନକକର୍ମକାରୀ ଭୀମସେନ ପୌଣ୍ଡ୍ରନାମକ ମହାଶଙ୍ଖ ବଜାଇଲେ | ||୧-୧୫ ||

Krishna blew His conch, Paanchajanya; Arjuna blew his conch, Devadatta; and Bheema, the doer of formidable deeds, blew (his) big conch, Paundra. (1.15)

**ଅନଂତବିଜୟଂ ରାଜା କୁଂତୀପୁତ୍ରୋ ଯୁଧିଷ୍ଠିରଃ .**

**ନକୁଲଃ ସହଦେବଶ୍ଚ ସୁଘୋଷମଣିପୁଷ୍ପକୌ .. ୧-୧୬..**

କୁନ୍ତୀପୁତ୍ର ରାଜା ଯୁଧିଷ୍ଠିର ଅନନ୍ତବିଜୟନାମକ ଓ ନକୁଳ ଓ ସହଦେବ ଯଥାକ୍ରମେ ସୁଘୋଶ ଓ ମଣିପୁଷ୍ପକ ନାମକ ଶଙ୍ଖ ବଜାଇଲେ | || ୧-୧୬ ||

The son of Kunti, King Yudhishthira, blew (his conch) Anantavijaya, while Nakula and Sahadeva blew Sughosha and Manipushpaka conches, respectively. (1.16)

**କାଶ୍ୟଶ୍ଚ ପରମେଷ୍ଵାସଃ ଶିଖଂଡୀ ଚ ମହାରଥଃ .**

**ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ ସାତ୍ୟକିଶ୍ଚାପରାଜିତଃ .. ୧-୧୭..**

**ଦ୍ରୁପଦୋ ଦ୍ରୌପଦେୟାଶ୍ଚ ସର୍ଵଶଃ ପୃଥିବୀପତେ .**

**ସୌଭଦ୍ରଶ୍ଚ ମହାବାହୁଃ ଶଂଖାଂଦଧ୍ମୁଃ ପୃଥକ୍ପୃଥକ୍ .. ୧-୧୮..**

ଶ୍ରେଷ୍ଠ ଧନୁର୍ଦ୍ଧାରୀ କାଶିରାଜା ,ମହାରଥୀ ଶିଖଣ୍ଡୀ, ଧୃଷ୍ଟଦ୍ୟୁମ୍ନ, ରାଜାବିରାଟ, ଅଜେୟ ସାତ୍ୟକି, ରାଜା ଦ୍ରୁପଦ, ଦ୍ରୌପଦିଙ୍କ ପାଞ୍ଚ ପୁତ୍ର, ସୁଭଦ୍ରାପୁତ୍ର ମହାବାହୁ ଅଭିମନ୍ୟୁ -- ହେ ରାଜନ୍! ଏ ସମସ୍ତେ ସକଳ ଦିଗରୁ ପୃଥକ୍ ପୃଥକ୍ ଶଙ୍ଖ ବଜାଇଲେ ||୧-୧୭,୧-୧୮||

The King of Kaashi, the mighty archer; Shikhandi, the great warrior; Dhristadyumna, Viraata, and the invincible Saatyaki; (1.17)
King Drupada, and the sons of Draupadi; the mighty son of Subhadraa; all of them blew their respective conches, O lord of the earth. (1.18)

**ସ ଘୋଷୋ ଧାର୍ତରାଷ୍ଟ୍ରାଣାଂ ହୃଦୟାନି ବ୍ୟଦାରୟତ୍ .**

**ନଭଶ୍ଚ ପୃଥିବୀଂ ଚୈବ ତୁମୁଲୋଽଭ୍ୟନୁନାଦୟନ୍ .. ୧-୧୯..**

ଏବଂ ସେହି ଭୟଙ୍କର ଶବ୍ଦ ଆକାଶ ଓ ପୃଥିବୀକୁ ପ୍ରତିଧ୍ୱନିତ କରି ଦୁର୍ଯ୍ୟୋଧନାଦି କୌରବମାନଙ୍କର ହୃଦୟ ବିଦୀର୍ଣ୍ଣ କରିଦେଲା | ||୧-୧୯||

The tumultuous uproar, resounding through earth and sky, tore the hearts of the Kauravas. (1.19)

**ଅଥ ବ୍ୟବସ୍ଥିତାଂଦୃଷ୍ଟ୍ୱା ଧାର୍ତରାଷ୍ଟ୍ରାନ୍ କପିଧ୍ୱଜଃ .**

**ପ୍ରବୃତ୍ତେ ଶସ୍ତ୍ରସଂପାତେ ଧନୁରୁଦ୍ୟମ୍ୟ ପାଂଡବଃ .. ୧-୨୦..**

**ହୃଷୀକେଶଂ ତଦା ବାକ୍ୟମିଦମାହ ମହୀପତେ .**

**ଅର୍ଜୁନ ଉବାଚ .**

**ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ .. ୧-୨୧..**

**ୟାବଦେତାନ୍ନିରୀକ୍ଷେଽହଂ ୟୋଦ୍ଧୁକାମାନବସ୍ଥିତାନ୍ .**

**କୈର୍ମୟା ସହ ୟୋଦ୍ଧବ୍ୟମସ୍ମିନ୍ ରଣସମୁଦ୍ୟମେ .. ୧-୨୨..**

ହେ ରାଜନ୍! ଏହାପରେ ବ୍ୟୂହରଚନାପୂର୍ବକ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇ ରହିଥିବା ଧୃତରାଷ୍ଟ୍ରଙ୍କ ସମ୍ବନ୍ଧୀୟମାନଙ୍କୁ ଦେଖି ଶସ୍ତ୍ରପ୍ରୟୋଗ କରିବାକୁ ଯାଉଥିବା ସମୟରେ କପିଧ୍ୱଜ ଅର୍ଜୁନ ନିଜ ଧନୁ ଉଠାଇ ହୃଷୀକେଶ ଶ୍ରୀକୃଷ୍ଣ ଭଗବାନଙ୍କୁ କହିଲେ, "ହେ ଅଚ୍ୟୁତ! ମୋ ରଥକୁ ନେଇ ଦୁଇ ସେନାଙ୍କ ମଧ୍ୟରେ ଠିଆ କରାନ୍ତୁ |" ||୧-୨୦,୧-୨୧||

ଏହି ଯୁଦ୍ଧରୂପକ ବ୍ୟାପାରରେ ମୋତେ କେଉଁମାନଙ୍କ ସହିତ ଯୁଦ୍ଧ କରିବାକୁ ହେବ, ଯୁଦ୍ଧକ୍ଷେତ୍ରରେ ଠିଆ ହୋଇଥିବା ସେହି ଯୁଦ୍ଧାଭିଳାଷୀ ବିପକ୍ଷୀ ଯୋଦ୍ଧାମାନଙ୍କୁ ଯେପର୍ଯ୍ୟନ୍ତ ମୁଁ ଭଲରୂପେ ଦେଖି ଚିହ୍ନି ନ ନେଇଛି, ସେପର୍ଯ୍ୟନ୍ତ ରଥ ଠିଆ କରାନ୍ତୁ | ||୧-୨୨||

Seeing the sons of Dhritaraashtra standing; and the war about to begin; Arjuna, whose banner bore the emblem of Hanumana, took up his bow; and (1.20)
Spoke these words to Lord Krishna: O Lord, (please) stop my chariot between the two armies until I behold those who stand here eager for battle and with whom I must engage in this act of war. (1.21-22

**ଯୋତ୍ସ୍ୟମାନାନବେକ୍ଷେଽହଂ ୟ ଏତେଽତ୍ର ସମାଗତାଃ .**

**ଧାର୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ୟୁଦ୍ଧେ ପ୍ରିୟଚିକୀର୍ଷବଃ .. ୧-୨୩..**

ଦୁର୍ବୁଦ୍ଧି ଦୁର୍ଯୋଧନର ଯୁଦ୍ଧରେ ହିତାକାଙ୍କ୍ଷୀ ହୋଇ ଯେଉଁ ରାଜାମାନେ ଏହି ସେନାରେ ଆସିଛନ୍ତି, ସେହି ଯୋଦ୍ଧାମାନଙ୍କୁ ମୁଁ ଟିକିଏ ଭଲ କରି ଦେଖିବି ||୧-୨୩||

I wish to see those who are willing to serve the evil-minded son of Dhritaraashtra by assembling here to fight the battle. (1.23)

**ସଂଜୟ ଉବାଚ .**

**ଏବମୁକ୍ତୋ ହୃଷୀକେଶୋ ଗୁଡାକେଶେନ ଭାରତ .**

**ସେନୟୋରୁଭୟୋର୍ମଧ୍ୟେ ସ୍ଥାପୟିତ୍ୱା ରଥୋତ୍ତମମ୍ .. ୧-୨୪..**

**ଭୀଷ୍ମଦ୍ରୋଣପ୍ରମୁଖତଃ ସର୍ବେଷାଂ ଚ ମହୀକ୍ଷିତାମ୍ .**

**ଉବାଚ ପାର୍ଥ ପଶ୍ୟୈତାନ୍ସମବେତାଂକୁରୂନିତି .. ୧-୨୫..**

ସଞ୍ଜୟ କହିଲେ -- ହେ ଧୃତରାଷ୍ଟ୍ର! ଅର୍ଜୁନ ଏପରି କହିବାରୁ, ଭଗବାନ୍ ଶ୍ରୀକୃଷ୍ଣ ଦୁଇସେନାଙ୍କ ମଧ୍ୟରେ ଭୀଷ୍ମ ଓ ଦ୍ରୋଣାଚାର୍ଯ୍ୟଙ୍କ ସମ୍ମୁଖରେ ତଥା ସମସ୍ତ ରାଜାଙ୍କ ସମ୍ମୁଖରେ ଉତ୍ତମ ରଥଟି ଠିଆ କରାଇଦେଇ କହିଲେ, 'ହେ ପାର୍ଥ, ଯୁଦ୍ଧପାଇଁ ଏକତ୍ରିତ ହୋଇଥିବା ଏହି କୌରବମାନଙ୍କୁ ଦେଖ |' ||୧-୨୪,୧-୨୫||

Sanjaya said: O King, Lord Krishna, as requested by Arjuna, placed the best of all the chariots in the midst of the two armies; (1.24)

Facing Bheeshma, Drona, and all other Kings; and said to Arjuna: Behold these assembled Kurus! (1.25)

**ତତ୍ରାପଶ୍ୟତ୍ସ୍ଥିତାନ୍ପାର୍ଥଃ ପିତୃନଥ ପିତାମହାନ୍ .**

**ଆଚାର୍ୟାନ୍ମାତୁଲାନ୍ଭ୍ରାତୃନ୍ପୁତ୍ରାନ୍ପୌତ୍ରାନ୍ସଖୀଂସ୍ତଥା .. ୧-୨୬..**

**ଶ୍ୱଶୁରାନ୍ସୁହୃଦଶ୍ଚୈବ ସେନୟୋରୁଭୟୋରପି .**

**ତାନ୍ସମୀକ୍ଷ୍ୟ ସ କୌଂତେୟଃ ସର୍ବାନ୍ବଂଧୂନବସ୍ଥିତାନ୍ .. ୧-୨୭..**

**କୃପୟା ପରୟାବିଷ୍ଟୋ ବିଷୀଦନ୍ନିଦମବ୍ରବୀତ୍ .**

**ଅର୍ଜୁନ ଉବାଚ .**

**ଦୃଷ୍ଟ୍ୱେମଂ ସ୍ୱଜନଂ କୃଷ୍ଣ ୟୁୟୁତ୍ସୁଂ ସମୁପସ୍ଥିତମ୍ .. ୧-୨୮..**

**ସୀଦଂତି ମମ ଗାତ୍ରାଣି ମୁଖଂ ଚ ପରିଶୁଷ୍ୟତି .**

**ବେପଥୁଶ୍ଚ ଶରୀରେ ମେ ରୋମହର୍ଷଶ୍ଚ ଜାୟତେ .. ୧-୨୯..**

ତା' ପରେ ପୃଥାପୁତ୍ର ଅର୍ଜୁନ ସେହି ଉଭୟସେନା ମଧ୍ୟରେ  ବିଦ୍ୟମାନ ପିତୃ, ପିତାମହ, ଆଚାର୍ଯ୍ୟ, ମାମୁ, ଭାଇ, ପୁଅ, ନାତି, ମିତ୍ର, ଶ୍ୱଶୁର ଓ ସୁହୃଦ୍‌ମାନଙ୍କୁ ହିଁ  ଦେଖିବାକୁ ପାଇଲେ   ||୧-୨୬ ଓ ୧-୨୭ ଶ୍ଳୋକର ପୂର୍ବାର୍ଦ୍ଧ ||

ସେହି ଉପସ୍ଥିତ ସମସ୍ତ ବନ୍ଧୁଙ୍କୁ ଦେଖି କୁନ୍ତୀପୁତ୍ର ଅର୍ଜୁନ ଅତ୍ୟନ୍ତ କରୁଣାପରବଶ ହୋଇ ଶୋକ କରୁ କରୁ କହିଲେ,- - ||୧-୨୭ ଉତ୍ତରାର୍ଦ୍ଧ, ୧-୨୮ ପୂର୍ବାର୍ଦ୍ଧ ||

ଅର୍ଜୁନ କହିଲେ - ହେ କୃଷ୍ଣ !ଯୁଦ୍ଧକ୍ଷେତ୍ରରେ ଦୃଢଭାବରେ ଦଣ୍ଡାୟମାନ ହୋଇଥିବା ଏହି ଯୁଦ୍ଧାଭିଳାଷୀ ସ୍ୱଜନସମୁଦାୟକୁ ଦେଖି ମୋର ଅଙ୍ଗମାନ ଶିଥିଳ ହୋଇଯାଉଛି, ମୁଖ ଶୁଖିଯାଉଛି ଓ ଦେହରେ କମ୍ପ ତଥା ରୋମାଞ୍ଚ ଜାତ ହେଉଛି ||୧-୨୮ ଉତ୍ତରାର୍ଦ୍ଧ, ୧-୨୯ ||

There Arjuna saw his uncles, grandfathers, teachers, maternal uncles, brothers, sons, grandsons, and comrades. (1.26)

Seeing fathers-in-law, all those kinsmen, and other dear ones standing in the ranks of the two armies, (1.27)

Arjuna was overcome with great compassion and sorrowfully said: O Krishna, seeing my kinsmen standing with a desire to fight, (1.28)

My limbs fail and my mouth becomes dry. My body quivers and my hairs stand on end. (1.29)

ଗାଂଡୀବଂ ସ୍ରଂସତେ ହସ୍ତାତ୍ତ୍ୱକ୍ଚୈବ ପରିଦହ୍ୟତେ .

ନ ଚ ଶକ୍ନୋମ୍ୟବସ୍ଥାତୁଂ ଭ୍ରମତୀବ ଚ ମେ ମନଃ .. ୧-୩୦..

ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ .

ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ .. ୧-୩୧..

ହାତରୁ ଗାଣ୍ଡୀବ ଧନୁ ଖସିପଡୁଛି, ଚର୍ମ ବି ଭୀଷଣ ଜ୍ୱାଳା କରୁଛି ତଥା ମୋର ମନ ଘୂର୍ଣ୍ଣିତ ହେଲାପରି ଲାଗୁଛି | ତେଣୁ ମୁଁ ଠିଆ ହୋଇ ରହିବାକୁ ବି ସମର୍ଥ ହୋଇପାରୁ ନାହିଁ | ||୧-୩୦||

ହେ କେଶବ ! ମୁଁ ଲକ୍ଷଣସବୁକୁ ବିପରୀତ ହିଁ ଦେଖୁଛି | ଯୁଦ୍ଧରେ ସ୍ୱଜନସମୁଦାୟକୁ ମାରିବାରେ କୌଣସି କଲ୍ୟାଣ ବି ଦେଖିପାରୁ ନାହିଁ | ||୧-୩୧ ||

The bow, Gaandeeva, slips from my hand and my skin intensely burns. My head turns, I am unable to stand steady and, O Krishna, I see bad omens. I see no use of killing my kinsmen in battle. (1.30-31)

ନ କାଂକ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ .

କିଂ ନୋ ରାଜ୍ୟେନ ଗୋବିଂଦ କିଂ ଭୋଗୈର୍ଜୀବିତେନ ବା .. ୧-୩୨..

ହେ କୃଷ୍ଣ! ମୁଁ ବିଜୟ ଚାହୁଁ  ନାହିଁ, କି ରାଜ୍ୟ ତଥା ସୁଖ ମଧ୍ୟ ଚାହୁଁ ନାହିଁ | ହେ ଗୋବିନ୍ଦ! ଆମର ଏପରି ରାଜ୍ୟରେ କି ପ୍ରୟୋଜନ! ଅଥବା ଏପରି ଭୋଗମାନଙ୍କରେ ଓ ଜୀବନରେ ବି କି ଲାଭ ଅଛି ! ||୧-୩୨ ||

I desire neither victory nor pleasure nor kingdom, O Krishna. What is the use of the kingdom, or enjoyment, or even life, O Krishna? (1.32)

ଯେଷାମର୍ଥେ କାଂକ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ .

ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ .. ୧-୩୩..

ଆମେ ଯେଉଁମାନଙ୍କ ପାଇଁ ରାଜ୍ୟ, ଭୋଗ ଓ ସୁଖାଦି ଅଭିଳାଷ କରୁଛୁ, ଏହି ସେହିମାନେ ଧନ ଓ ଜୀବନର ଆଶା ପରିତ୍ୟାଗ କରି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ||୧-୩୩||

Because all those, for whom we desire kingdom, enjoyments, and pleasures, are standing here for the battle, giving up their lives and wealth. (1.33)

ଆଚାର୍ୟାଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ .

ମାତୁଲାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଲାଃ ସଂବଂଧିନସ୍ତଥା .. ୧-୩୪..

ଗୁରୁମାନେ, ପିତୃମାନେ, ପୁତ୍ରମାନେ ଏବଂ ସେହିପରି ପିତାମହମାନେ, ମାମୁଁମାନେ, ଶ୍ୱଶୁରମାନେ, ନାତିମାନେ, ଶାଳକମାନେ ତଥା ଅନ୍ୟ ସମ୍ବନ୍ଧୀୟମାନେ ବି ଅଛନ୍ତି ||୧-୩୪ ||

Teachers, uncles, sons, grandfathers, maternal uncles, fathers-in-law, grandsons, brothers-in-law, and other relatives. (1.34)

**ଏତାନ୍ନ ହଂତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ .**

**ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ .. ୧-୩୫..**

ହେ ମଧୁସୂଦନ ! ଏମାନେ ମୋତେ ମାରିଦେଲେ ବି ମୁଁ ଏମାନଙ୍କୁ ମାରିବାକୁ  ଚାହେଁ ନାହିଁ | ପୃଥିବୀ ଲାଭ କରିବା କଥା କିଏ ପଚାରେ, ତିନିଲୋକର ରାଜ୍ୟାଧିକାର ମିଳିବାର ଥିଲେ ମଧ, ମୁଁ ଏମାନଙ୍କୁ ମାରିବାକୁ ଚାହେଁ ନାହିଁ ||୧-୩୫||

I do not wish to kill them, who are also about to kill, even for the sovereignty of the three worlds, let alone for this earthly kingdom, O Krishna. (1.35)

**ନିହତ୍ୟ ଧାର୍ତରାଷ୍ଟ୍ରାନ୍ନଃ କା ପ୍ରୀତିଃ ସ୍ୟାଜ୍ଜନାର୍ଦନ .**

**ପାପମେବାଶ୍ରୟେଦସ୍ମାନ୍ହତ୍ୱୈତାନାତତାୟିନଃ .. ୧-୩୬..**

ହେ ଜନାର୍ଦ୍ଦନ! ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କୁ ମାରିଦେଲେ ଆମକୁ କି ସୁଖ ମିଳିବ ? ଏହି ଆତତାୟୀମାନଙ୍କୁ ମାରିଲେ ତ ଆମକୁ ପାପ ହିଁ ଲାଗିବ ||୧-୩୬||

*O Lord Krishna, what pleasure shall we find in killing the sons of Dhritaraashtra? Upon killing these felons we shall incur sin only. (1.36)*

**ତସ୍ମାନ୍ନାର୍ହା ବୟଂ ହଂତୁଂ ଧାର୍ତରାଷ୍ଟ୍ରାନ୍ସ୍ୱବାଂଧବାନ୍ .**

**ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ .. ୧-୩୭..**

ତେଣୁ ହେ ମାଧବ ! ନିଜର ବାନ୍ଧବ  ଦୁର୍ଯ୍ୟୋଧନାଦିଙ୍କୁ ମାରିବା ଆମ ପକ୍ଷରେ ଉଚିତ ହେବ ନାହିଁ; କାରଣ ନିଜ କୁଟୁମ୍ବ ଲୋକଙ୍କୁ ମାରି ଆମେ କିପରି ସୁଖୀ ହୋଇପାରିବୁ ? ||୧-୩୭||

Therefore, we should not kill our brothers, the sons of Dhritaraashtra. How can we be happy after killing our kinsmen, O Krishna? (1.37)

**ୟଦ୍ୟପ୍ୟେତେ ନ ପଶ୍ୟଂତି ଲୋଭୋପହତଚେତସଃ .**

**କୁଲକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ .. ୧-୩୮..**

**କଥଂ ନ ଜ୍ଞେୟମସ୍ମାଭିଃ ପାପାଦସ୍ମାନ୍ନିବର୍ତିତୁମ୍ .**

**କୁଲକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍ଭିର୍ଜନାର୍ଦନ .. ୧-୩୯..**

ଯଦ୍ୟପି ଲୋଭବଶତଃ ଭ୍ରଷ୍ଟଚିତ୍ତ ହୋଇଥିବା ଏହି ଲୋକେ କୁଳକ୍ଷୟଜନିତ ଦୋଷ ଓ ମିତ୍ରଦ୍ରୋହଜନିତ ପାପ ଜାଣିପାରୁ ନାହାନ୍ତି, ତଥାପି ହେ ଜନାର୍ଦ୍ଦନ! କୁଳନାଶରୁ ଉତ୍ପନ୍ନ ଦୋଷକୁ ଜାଣିପାରୁଥିବା ଆମ୍ଭେମାନେ ଏପରି ପାପରୁ ଦୂରେଇଯିବାକୁ ବିଚାର ନ କରିବୁ କାହିଁକି ? ||୧-୩୮,୧-୩୯ ||

Though they, blinded by greed, do not see evil in the destruction of the family, or sin in being treacherous to friends. (1.38)

Why shouldn't we, who clearly see evil in the destruction of the family, think about turning away from this sin, O Krishna? (1.39)

କୁଲକ୍ଷୟେ ପ୍ରଣଶ୍ୟଂତି କୁଲଧର୍ମାଃ ସନାତନାଃ .

ଧର୍ମେ ନଷ୍ଟେ କୁଲଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ .. ୧-୪୦..

କୁଳନାଶ ହେଲେ ସନାତନ କୁଳଧର୍ମ ନଷ୍ଟ ହୋଇଯାଏ | ଧର୍ମ ନଷ୍ଟ ହୋଇଗଲେ, ସମୁଦାୟ  କୁଳକୁ  ପାପ ମଧ୍ୟ ବିଶେଷଭାବରେ ବ୍ୟାପିଯାଏ ||୧-୪୦||

With the destruction of the family, the eternal family traditions are destroyed, and immorality prevails due to the destruction of family traditions. (1.40)

ଅଧର୍ମାଭିଭବାତ୍କୃଷ୍ଣ ପ୍ରଦୁଷ୍ୟଂତି କୁଲସ୍ତ୍ରିୟଃ .

ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣସଂକରଃ .. ୧-୪୧..

ହେ କୃଷ୍ଣ ! ପାପ ଅଧିକ ବଢିଗଲେ କୁଳସ୍ତ୍ରୀମାନେ ଅତ୍ୟନ୍ତ ଦୂଷିତା ହୋଇଯାଆନ୍ତି; ହେ ବାର୍ଷ୍ଣେୟ! ସ୍ତ୍ରୀମାନେ ଦୂଷିତା ହୋଇଗଲେ,  ବର୍ଣ୍ଣସଙ୍କର ଉତ୍ପନ୍ନ ହୁଏ | ||୧-୪୧||

And when immorality prevails, O Krishna, the women of the family become corrupted; when women are corrupted, social problems arise. (1.41)

ସଂକରୋ ନରକାୟୈବ କୁଲଘ୍ନାନାଂ କୁଲସ୍ୟ ଚ .

ପତଂତି ପିତରୋ ହ୍ୟେଷାଂ ଲୁପ୍ତପିଂଡୋଦକକ୍ରିୟାଃ .. ୧-୪୨..

କୁଳନାଶକାରୀମାନଙ୍କୁ ତଥା କୁଳକୁ ନରକକୁ ନେଇଯିବା ଲାଗି ହିଁ ବର୍ଣ୍ଣସଙ୍କର ହୋଇଥାଏ | ପିଣ୍ଡ-କ୍ରିୟା ଓ ଜଳଦାନ-କ୍ରିୟା ଲୁପ୍ତ ହେବାରୁ ପିତୃଲୋକମାନେ ଶ୍ରାଦ୍ଧ ଓ ତର୍ପଣରୁ ବଞ୍ଚିତ ହୋଇ ଅଧୋଗତି ପ୍ରାପ୍ତ ହୁଅନ୍ତି | ||୧-୪୨||

This brings the family and the slayers of the family to hell, because the spirits of their ancestors are degraded when deprived of ceremonial offerings of rice-ball and water. (1.42)

ଦୋଷୈରେତୈଃ କୁଲଘ୍ନାନାଂ ବର୍ଣସଂକରକାରକୈଃ .

ଉତ୍ସାଦ୍ୟଂତେ ଜାତିଧର୍ମାଃ କୁଲଧର୍ମାଶ୍ଚ ଶାଶ୍ୱତାଃ .. ୧-୪୩..

ଏହି ବର୍ଣ୍ଣସଙ୍କରକାରକ ଦୋଷମାନଙ୍କ ଦ୍ୱାରା କୁଳଘାତକମାନଙ୍କର ସନାତନ କୁଳଧର୍ମ ଓ ଜାତିଧର୍ମ ନଷ୍ଟ ହୋଇଯାଏ | ||୧-୪୩||

The everlasting qualities of Varna and family traditions of those who destroy their family are ruined by the sinful act of illegitimacy. (1.43)

**ଉତ୍ସନ୍ନକୁଲଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦନ .**

**ନରକେଽନିୟତଂ ବାସୋ ଭବତୀତ୍ୟନୁଶୁଶ୍ରୁମ .. ୧-୪୪..**

ହେ ଜନାର୍ଦ୍ଦନ! ଯେଉଁମାନଙ୍କର କୁଳଧର୍ମ ନଷ୍ଟ ହୋଇଯାଇଛି, ସେମାନଙ୍କର ଅନିଶ୍ଚିତ କାଳପର୍ଯ୍ୟନ୍ତ ନରକବାସ ହୁଏ ବୋଲି ଆମେ ଶୁଣିଆସିଛୁ | ||୧-୪୪||

We have been told, O Krishna, that people whose family traditions are destroyed necessarily dwell in hell for a long time. (1.44)

**ଅହୋ ବତ ମହତ୍ପାପଂ କର୍ତୁଂ ବ୍ୟବସିତା ବୟମ୍ .**

**ୟଦ୍ରାଜ୍ୟସୁଖଲୋଭେନ ହଂତୁଂ ସ୍ୱଜନମୁଦ୍ୟତାଃ .. ୧-୪୫..**

ହାୟ! କି ଦୁଃଖର କଥା! ଆମ୍ଭେମାନେ ବୁଦ୍ଧିମାନ୍ ହୋଇ ମଧ୍ୟ ମହାପାପ କରିବାକୁ ପ୍ରସ୍ତୁତ ହୋଇଯାଇଛୁ; ରାଜ୍ୟ ଓ ସୁଖପ୍ରାପ୍ତି ଲୋଭରେ ଆମେ ନିଜର ଆତ୍ମୀୟସ୍ୱଜନମାନଙ୍କୁ  ମାରିଦେବାକୁ ଉଦ୍ୟତ ହୋଇଯାଇଛୁ! ||୧-୪୫||

Alas! We are ready to commit a great sin by striving to slay our kinsmen because of greed for the pleasures of the kingdom. (1.45)

**ୟଦି ମାମପ୍ରତୀକାରମଶସ୍ତ୍ରଂ ଶସ୍ତ୍ରପାଣୟଃ .**

**ଧାର୍ତରାଷ୍ଟ୍ରା ରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ .. ୧-୪୬..**

ଯଦି ମୋପରି ନିଃଶସ୍ତ୍ର ଓ ପ୍ରତିକାରରହିତ ଲୋକକୁ ଧୃତରାଷ୍ଟ୍ରଙ୍କ ଶସ୍ତ୍ରଧାରୀ ପୁତ୍ରମାନେ ଯୁଦ୍ଧରେ ମାରିଦିଅନ୍ତି, ତେବେ ବି ତାହା ମୋ ପକ୍ଷରେ ଅଧିକ ମଙ୍ଗଳକର ହେବ | ||୧-୪୬||

It would be far better for me if the sons of Dhritaraashtra should kill me with their weapons in battle while I am unarmed and unresisting. (1.46)

**ସଂଜୟ ଉବାଚ .**

**ଏବମୁକ୍ତ୍ୱାର୍ଜୁନଃ ସଂଖ୍ୟେ ରଥୋପସ୍ଥ ଉପାବିଶତ୍ .**

**ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ .. ୧-୪୭..**

ସଂଜୟ କହିଲେ -- ରଣଭୂମିରେ ଶୋକରେ ଉଦ୍‌ବିଗ୍ନମନା ଅର୍ଜୁନ ଏପରି କହି, ବାଣସହିତ ଧନୁ ତ୍ୟାଗ କରିଦେଇ ରଥର ପଛପଟେ ବସିପଡିଲେ ||୧-୪୭||

Sanjaya said: Having said this in the battle field and casting aside his bow and arrow, Arjuna sat down on the seat of the chariot with his mind overwhelmed with sorrow. (1.47)

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ
ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ
ଅର୍ଜୁନବିଷାଦୟୋଗୋ ନାମ ପ୍ରଥମୋଽଧ୍ୟାୟଃ .. ୧..

---

PREPARED BY www.odia.org using the "DHWANI-UNICODE" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO** **odiaorg@gmail.com**